ଅନନ୍ତ ଅନ୍ତରୀକ୍ଷ ଭାଗ - ୬

ବୈଦିକ ଯୁଗରେ ଜ୍ୟୋତିର୍ବିଜ୍ଞାନ

ପ୍ରସ୍ତୁତି: ସୃଜନିକା, ଭୁବନେଶ୍ୱର

ଅନନ୍ତ ଅନ୍ତରୀକ୍ଷର ଆଜିର କାର୍ଯ୍ୟକ୍ରମରେ ଆପଣମାନଙ୍କୁ ସ୍ୱାଗତ । ମୁଣ୍ଡ ଉପରର ଆକାଶ ସବୁବେଳେ ମଣିଷକୁ କୁତୁହଳୀ କରିଆସିଛି । ଦିନରେ ଆସୁଥିବା ଉଜଳ ବସ୍ତୁ, ରାତିରେ ଆସୁଥିବା ଛୋଟ ଛୋଟ ଆଲୁଅ କଣିକା ଓ ତା' ଭିତରେ ବୁଲୁଥିବା ଗୋଟିଏ ଉଜଳ ପିଣ୍ଡ । ଏହାର ଆକାର କେବେ କମୁଛି ତ କେବେ ବଢୁଛି । ଏସବୁକୁ ସେ ନାଁ ଦେଲା ସୂର୍ଯ୍ୟ, ଚନ୍ଦ୍ର ଓ ତାରା । ନିତିଦିନିଆ ଜୀବନରେ ଧୀରେ ଧୀରେ ସେ ଏସବୁର ସମ୍ପର୍କ ଖୋଜିଲା । ଏସବୁକୁ ନେଇ ସମୟ ମାପିଲା । ଦିନ, ରାତି, ମାସ, ବର୍ଷର କଳ୍ପନା କଲା । ଆକାଶର ରହସ୍ୟ ଖୋଜିବାରେ ସେ ଲାଗିଲା । କିଛି ଘଟଣା ବୁଝିପାରିଲା, କିଛି ବୁଝିପାରିଲା ନାହିଁ । ଯାହା ନବୁଝିପାରିଲା ତାକୁ ସେ ବୁଝିବା ପାଇଁ ଚେଷ୍ଟା କଲା । ଏବେ ବି ସେ ଦିଗରେ ତା'ର ଚେଷ୍ଟା ଚାଲିଛି । ଏ ବିଷୟରେ ସାଧାରଣ ଲୋକଙ୍କର ଆଗ୍ରହ ବଢ଼ାଇବା ପାଇଁ ଆମର ଏ କାର୍ଯ୍ୟକ୍ରମ ଅନନ୍ତ ଅନ୍ତରୀକ୍ଷ । ସେଥିରେ ଆମେ ଆଜିଯାଏଁ ଶୁଣିଲେଣି ବିଶ୍ୱ ରହସ୍ୟ, ବିଶ୍ୱ କେମିତି ଆରମ୍ଭ ହେଲା, ମହାବିସ୍ଫୋରଣ, ତାରା, ତାରାମଣ୍ଡଳ, ରାଶିଚକ୍ର, ନକ୍ଷତ୍ର ଆଦି କେତେ କଥା । ମନରେ ପ୍ରଶ୍ନ ଉଠେ ମଣିଷ ଏସବୁ କେବେଠୁ ତାରା ଦେଖିବା ଆରମ୍ଭ କଲା । ଆମ ପୁରାଣରୁ ଜଣାଯାଏ ଯେ ଏମିତିକି ବୈଦିକ ଯୁଗରେ ବି ସେ ଆକାଶକୁ ଦେଖୁଥିଲା ଓ ଅନେକ କିଛି କଳ୍ପନା କରୁଥିଲା । ଆମର ବେଦ ଓ ଉପନିଷଦରେ ଏସବୁର ବର୍ଣ୍ଣନା ରହିଥିବାର ଦେଖାଯାଏ । ଆସନ୍ତୁ, ଆଜିର କାର୍ଯ୍ୟକ୍ରମରେ ଶୁଣିବା ବୈଦିକ ଯୁଗରେ ଜ୍ୟୋତିର୍ବିଜ୍ଞାନ । ସେ ସମୟରେ ଲୋକମାନେ ଖାଲି ଆଖିରେ ନିରୀକ୍ଷଣ କରି ଏବଂ ଗାଣିତିକ ଜ୍ଞାନ ସାହାଯ୍ୟରେ ଆକାଶୀୟ ପିଣ୍ଡମାନଙ୍କର ଗତିକୁ ବୁଝିବାକୁ ଚେଷ୍ଟା କରୁଥିଲେ । ଚାନ୍ଦ୍ରମାସ, ସୌରମାସ, ନାକ୍ଷତ୍ରିକ କାଳ, ଯୁଗ କ'ଣ ଆଦି ବିଷୟରେ କିଛି ଆଲୋଚନା ଆଜି ଶୁଣିବା ।

ବର୍ଣ୍ଣନା: ବେଦରେ ବିଶ୍ୱକୁ ତିନୋଟି ଭାଗରେ ଭାଗ କରାଯାଇଛି । ପ୍ରଥମ ପୃଥିବୀ, ତା'ପରେ ମହାକାଶ ବା ଅନ୍ତରୀକ୍ଷ ଓ ତୃତୀୟରେ ସ୍ୱର୍ଗ । ସୂର୍ଯ୍ୟକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆକାଶୀୟ ପିଣ୍ଡ ଭାବରେ ଏବଂ ଏହାର ଗତିପଥ କ୍ରାନ୍ତିପଥକୁ ସବୁଠାରୁ ପବିତ୍ର ବୋଲି ଧରାଯାଇଛି । ଏହା ପଛକୁ ଗୁରୁତ୍ୱପୂର୍ଣ୍ଣ ପିଣ୍ଡ ହେଉଛି ଚନ୍ଦ୍ର । ମଣିଷର ସବୁଠାରୁ ଜରୁରୀ ପଦକ୍ଷେପ ଥିଲା ସମୟ ମାପିବା । କାରଣ ତା'ର ସବୁ କାମକୁ ଗୋଟିଏ ନିର୍ଦ୍ଦିଷ୍ଟ ଧାରାରେ ପକାଇବା ପାଇଁ ସମୟ ମାପିବା ଦରକାର । ଏଥିପାଇଁ ସେ ସାହାଯ୍ୟ ନେଲା ଚନ୍ଦ୍ରର । ଦୁଇଟି ଅମାବାସ୍ୟା ବା ଦୁଇଟି ପୂର୍ଣ୍ଣମୀର ମଝି ସମୟକୁ ଗୋଟିଏ ମାସ ଭାବରେ ଧରାଗଲା । ଆମର ଦୁଇ ପ୍ରକାରର ମାସ ରହିଛି । ଅମାବାସ୍ୟାରୁ ଅମାବାସ୍ୟା ହେଉଛି ଅମାନ୍ତ ଓ ପୂର୍ଣ୍ଣମୀରୁ ପୂର୍ଣ୍ଣମୀ ହେଉଛି ପୂର୍ଣ୍ଣମାନ୍ତ । ଚନ୍ଦ୍ରର ଗତି ହିସାବ କରିବା ପାଇଁ ୨୭ ବା ୨୮ଟି ନକ୍ଷତ୍ରର କଳ୍ପନା କରାଗଲା । ବେବିଲୋନୀୟ, ଚୀନିୟ ଏବଂ ଆରବୀୟ ସଭ୍ୟତାରେ ବି ଚନ୍ଦ୍ରର ଗତିପଥର ବର୍ଣ୍ଣନା ରହିଛି । କିନ୍ତୁ ବେଦରେ ଏହାର ଯେଉଁଭଳି ବର୍ଣ୍ଣନା ରହିଛି ସେସବୁ ଏହାଠାରୁ ବହୁତ ଅଲଗା । ଆମର ଚାନ୍ଦ୍ରମାସର ନାଁ ସବୁ ନକ୍ଷତ୍ର ଅନୁସାରେ ଦିଆଯାଏ । ମାସର ପୂର୍ଣ୍ଣମୀ ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ର ପାଖରେ ରହେ ମାସର ନାଁ ସେଇ ଅନୁସାରେ ଦିଆଯାଏ । ଯେମିତିକି ମଘା ପାଖରେ ରହିଲେ ମାଘ, କୃତ୍ତିକା ପାଖରେ ରହିଲେ କାର୍ତ୍ତିକ, ଜ୍ୟେଷ୍ଠା ପାଖରେ ରହିଲେ ଜ୍ୟେଷ୍ଠ ଆଦି । ବାରଟି ଚାନ୍ଦ୍ରମାସକୁ ଛଅଟି ଋତୁ ଓ ପ୍ରତି ଋତୁରେ ଦୁଇମାସ ଲେଖାଏଁ ରଖାଯାଇଛି ।

ପ୍ରଶ୍ନ: ସେହିଭଳି ସୌରମାସ ପାଇଁ ବି ଆମର ସ୍ୱତନ୍ତ୍ର ନାଁ ରହିଛି କି ?

ଉତ୍ତର: ଗତଥର ଆମେ ଶୁଣିଥିଲେ ଯେ ସୂର୍ଯ୍ୟ ଗୋଟିଏ ରାଶି ଛାଡ଼ି ଆଉ ଗୋଟିଏ ରାଶିରେ ପଶେ । ସେ ଦିନକୁ ସଂକ୍ରାନ୍ତି କୁହାଯାଏ । ଆଉ ସେ ରାଶି ଅନୁସାରେ ସେଇ ମାସର ନାଁ ଦିଆଯାଏ । ଏଗୁଡ଼ିକ ସୌରମାସ । ଯେମିତି ଧନୁ ମାସ, ମେଷ ମାସ, କର୍କଟ ମାସ ଆଦି ।

ପ୍ରଶ୍ନ: ଆମ ପୁରାଣରେ ବି କ'ଣ ଆକାଶ ବିଷୟରେ କିଛି ଲେଖା ରହିଛି ?

ଉତ୍ତର: ହଁ, ଆମ ବେଦରେ ବି ଆକାଶ ବିଷୟରେ ଅନେକ କଥା ଲେଖା ହୋଇଛି । ସେ ସମୟରେ ଏହାକୁ ଜ୍ୟୋତିଷ ଶାସ୍ତ୍ର ବୋଲି କୁହା ଯାଉଥିଲା । ବେଦାଙ୍ଗ ଜ୍ୟୋତିଷରେ ଗୋଟିଏ କଥା ଲେଖା ହୋଇଛି । ସେଇଥିରୁ ଆମେ ବୁଝିପାରିବା ଯେ ସେ ସମୟରେ ସବୁ ଶାସ୍ତ୍ର ଭିତରେ ଜ୍ୟୋତିର୍ବିଜ୍ଞାନକୁ କେତେ ଗୁରୁତ୍ୱ ଦିଆ ଯାଉଥିଲା । ଲେଖା ହୋଇଛି ଯେ ମୟୂରର ମୁଣ୍ଡର ଚୂଳ ଭଳି, ନାଗର ମୁଣ୍ଡର ମଣି ଭଳି ବେଦାଙ୍ଗ ଶାସ୍ତ୍ରର ସବୁଠାରୁ ଉପରେ ରହିଛି ଜ୍ୟୋତିଷ ବା ଜ୍ୟୋତିର୍ବିଜ୍ଞାନ ।

ପ୍ରଶ୍ନ: ଭାରତର ଆକାଶ ବିଜ୍ଞାନ କେବେଠାରୁ ଆରମ୍ଭ ହୋଇଛି ?

ଉତ୍ତର: ଅନ୍ୟ ସବୁ ଶାସ୍ତ୍ର ଭଳି ଭାରତରେ ଆକାଶ ବିଜ୍ଞାନ ବି ବୈଦିକ ଯୁଗରୁ ଆରମ୍ଭ ହୋଇଥିଲା । ସେତେବେଳେ ଛଅଟି ବେଦାଙ୍ଗ ଥିଲା ।

ପ୍ରଶ୍ନ: ସେଗୁଡ଼ିକ କ'ଣ କ'ଣ ?

ଉତ୍ତର: ସେଗୁଡ଼ିକ ହେଲା ଶିକ୍ଷା ବା ଭାଷା, ବ୍ୟାକରଣ, ଛନ୍ଦ ବା ମାପଚୁପ, ନିରୁକ୍ତ, ଜ୍ୟୋତିଷ ବା ଆକାଶବିଜ୍ଞାନ ଏବଂ କଳ୍ପ ବା ରୀତିନୀତି ।

ଏବେ ସିନା ଜ୍ୟୋତିଷ କହିଲେ କେବଳ ଫଳିତ ଜ୍ୟୋତିଷକୁ ହିଁ ବୁଝାଯାଉଛି । କିନ୍ତୁ ସେତେବେଳେ ଜ୍ୟୋତିଷ କହିଲେ କେବଳ ଆକାଶ ବିଜ୍ଞାନକୁ ହିଁ ବୁଝା ଯାଉଥିଲା । ଅବଶ୍ୟ ଗଣିତ ଏହାର ଗୋଟିଏ ମୁଖ୍ୟ ଅଂଶ ଥିଲା ।

ପ୍ରଶ୍ନ: ବିଭିନ୍ନ ବେଦରେ ଆଉ ସବୁ କ'ଣ ଲେଖା ହୋଇଛି ?

ଉତ୍ତର: ଋଗବେଦ ଏବଂ ଅନ୍ୟ ପୁରାଣରେ ଆକାଶରେ ସୂର୍ଯ୍ୟର ଗତିପଥ ବିଷୟରେ ଅନେକ କଥା ଲେଖା ଅଛି । କୁହାଯାଏ ଯେ ପ୍ରାକୃତିକ ନିୟମର ଦେବତା ବରୁଣ ସୂର୍ଯ୍ୟଙ୍କ ଯିବାଆସିବା ପାଇଁ ଗୋଟିଏ ସ୍ୱତନ୍ତ୍ର ରାସ୍ତା ସୃଷ୍ଟି କରିଥିଲେ । ଆଉ ସେଇ ରାସ୍ତାଟି ହେଉଛି କ୍ରାନ୍ତିପଥ । ସୂର୍ଯ୍ୟପରାଗ ବିଷୟରେ ବି ଅନେକ ଜାଗାରେ ଲେଖା ରହିଛି । ଏ ବିଷୟରେ ଗୋଟିଏ ମଜା ଗପ ବି ରହିଛି । ସ୍ୱର୍ଭାନୁ ନାମକ ଜଣେ ଅସୁର ଥିଲା । ଥରେ ସେ ସୂର୍ଯ୍ୟଙ୍କୁ ଅନ୍ଧକାରରେ ଏମିତି ଢାଙ୍କିଦେଲା ଯେ ଚାରିଆଡ଼ ଆଉ କିଛି ଦେଖାଗଲା ନାହିଁ । ଏମିତି କି ପୃଥିବୀବାସୀ ଜାଣି ପାରିଲେ ନାହିଁ ସେମାନେ କୋଉଠି ଠିଆ ହୋଇଛନ୍ତି । ସମସ୍ତେ ବହୁତ ବ୍ୟସ୍ତ ହୋଇଗଲେ । ଦେବତାମାନେ ବି ହାର ମାନଗଲେ । ଶେଷରେ ଅତ୍ରି ଋଷିଙ୍କୁ ଅନୁରୋଧ କରାଗଲା । ସେ ତାଙ୍କ ତପ ବଳରେ ସୂର୍ଯ୍ୟଙ୍କ ଉପରୁ କଳାପରଦା ହଟେଇଲେ । ଏ ବିଷୟରେ ପଞ୍ଚବଂଶ ବ୍ରାହ୍ମଣ ନାମକ ପୁରାଣରେ ବହୁତ ସୁନ୍ଦର ବର୍ଣ୍ଣନା ରହିଛି । ଅତ୍ରି ଅନ୍ଧକାରକୁ ଧୀରେ ଧୀରେ ହଟେଇଲେ । ପ୍ରଥମେ ସେ ଯାହାକୁ ହଟେଇଲେ ସେ ଗୋଟିଏ କଳା ମେଣ୍ଢା ହୋଇଗଲା । ଦ୍ୱିତୀୟ

ଥର ରୁପେଲି ମେଣ୍ଢା, ତୃତୀୟ ଥର ଲାଲ ରଙ୍ଗର ଆଉ ଶେଷରେ ସେ ଯେଉଁ ତୀର ସାହାଯ୍ୟରେ ସୂର୍ଯ୍ୟର ମୂଳ ଦୀପ୍ତି ଫେରାଇ ଆଣିଲେ ସେ ହେଲା ଗୋଟିଏ ଧଳା ମେଣ୍ଢା । ସବୁଠାରୁ ମଜାର କଥା ହେଉଛି ଯେ ସୂର୍ଯ୍ୟପରାଗ ସମୟରେ ସୂର୍ଯ୍ୟର ଫଳକରେ ଏହି କ୍ରମ ଦେଖାଯାଇଥାଏ ।

ପ୍ରଶ୍ନ: ବେଦାଙ୍ଗ ଜ୍ୟୋତିଷ କ'ଣ ?

ଉତ୍ତର: ବୈଦିକ ଯୁଗର ଶେଷ ଭାଗରେ ବେଦାଙ୍ଗ ଜ୍ୟୋତିଷ ପ୍ରସ୍ତୁତ କରା ଯାଇଥିଲା । ସେ ସମୟର ଲୋକମାନଙ୍କର ନିତିଦିନିଆ ଜୀବନ ପାଇଁ ଦରକାର ହେଉଥିବା ମୌଳିକ ଆବଶ୍ୟକତାକୁ ଏଥିରେ ଲିପିବଦ୍ଧ କରାଯାଇଛି । କହିବାକୁ ଗଲେ ହଜାର ହଜାର ବର୍ଷର ବୈଦିକ ଯୁଗର ଜ୍ଞାନ ବେଦାଙ୍ଗ ଜ୍ୟୋତିଷ ରୂପରେ ପ୍ରକାଶ ପାଇଛି । ବେଦାଙ୍ଗ ଜ୍ୟୋତିଷର ସମୟ କାଳ ପ୍ରାୟ ଖ୍ରୀଷ୍ଟପୂର୍ବ ୧୪୦୦ ଯାଏଁ ବୋଲି ଧରାଯାଏ ।

ଏପରିକି ଋଗ୍ ବେଦ ସମୟ ଯାଏଁ ବି ବୈଦିକ ଯୁଗର ଲୋକମାନଙ୍କର ପୂର୍ଣ୍ଣମୀ ଓ ଅମାବାସ୍ୟାର ସମୟ, ଚନ୍ଦ୍ରର ଶେଷ ଓ ଆରମ୍ଭ ଦର୍ଶନ ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟ ପାଇଁ ଦରକାର ହେଉଥିବା ଜ୍ଞାନ ନଥିଲା । ଏସବୁ ତଥ୍ୟ ସେତେବେଳେ କେତେକ ମାସିକ ଏବଂ ଋତୁ ଅନୁଯାୟୀ କରାଯାଉଥିବା ରୀତିନୀତି ପାଇଁ ବହୁତ ଜରୁରୀ ଥିଲା ।

ଭାରତୀୟ ପୁରାଣରେ ନକ୍ଷତ୍ର କହିଲେ ଉଭୟ ତାରା ଓ ତାରକାମଣ୍ଡଳକୁ ବୁଝାଏ । ଋଗବେଦରେ ଏ ବିଷୟରେ ଲେଖାଥିଲେ ବି ୨୭ ବା ୨୮ଟି ନକ୍ଷତ୍ର ଥିବା କଥା ପ୍ରଥମେ ଯଜୁର୍ବେଦରେ ଲେଖାଯାଇଛି । କ୍ରାନ୍ତିପଥକୁ ୨୭ ଭାଗ କରାଯାଇଛି ଓ ପ୍ରତି ଭାଗ ୧୩ ଡିଗ୍ରୀ ୨୦ ମିନିଟ ଜାଗା ନିଏ । ପ୍ରତି ଭାଗରେ ଗୋଟିଏ ଲେଖାଏଁ ତାରା ବା ତାରାପୁଞ୍ଜ ରହିଛି, ଏହାକୁ ହିଁ ନକ୍ଷତ୍ର କୁହାଯାଏ ।

ବେଦରେ ଲେଖାହୋଇଛି ଯେ ଅଗ୍ରହାୟଣ ଅର୍ଥାତ ବର୍ଷର ଆରମ୍ଭ । ଅଗ୍ରହାୟଣ ହେଉଛି ମୃଗଶିରା ନକ୍ଷତ୍ରର ପୁରୁଣା ନାଁ । ସେତେବେଳେ ସୂର୍ଯ୍ୟ ବସନ୍ତ ସମ୍ପାତ ସମୟରେ ଏହି ନକ୍ଷତ୍ରରେ ରହୁଥିଲା । ଆଉ ଏଇ ସମୟକୁ ହିଁ ବର୍ଷର ଆରମ୍ଭ ବୋଲି ଧରା ଯାଉଥିଲା । ବେଦରେ ଚନ୍ଦ୍ରକୁ ଚନ୍ଦ୍ର, ଚନ୍ଦ୍ରମା, ସୋମ ଆଦି ନାଁରେ ବର୍ଣ୍ଣନା କରାଯାଇଛି । ଆହୁରି ବି କୁହାଯାଇଛି ଯେ ଏହାର ନିଜର ଆଲୁଅ ନାହିଁ, କିନ୍ତୁ ସେ ସୂର୍ଯ୍ୟ ଭଳି ଉଜଳ ପିଣ୍ଡ । ସୂର୍ଯ୍ୟଠାରୁ ଆଲୁଅ ନେଇ ସେ ଆଲୋକିତ ।

ପ୍ରଶ୍ନ: ବେଦାଙ୍ଗ ଜ୍ୟୋତିଷରେ ଗ୍ରହ ବିଷୟରେ କ'ଣ ଲେଖାହୋଇଛି ?

ଉତ୍ତର: ବେଦାଙ୍ଗ ଜ୍ୟୋତିଷରେ ଗ୍ରହ ବିଷୟରେ କିଛି ଉଲ୍ଲେଖ ନାହିଁ । ଉପନିଷଦରେ କିନ୍ତୁ ଗ୍ରହ ବିଷୟରେ ଲେଖା ରହିଛି । ଭାରତୀୟ ପୁରାଣରେ ସୂର୍ଯ୍ୟ ଚନ୍ଦ୍ରଙ୍କୁ ମିଶାଇ ସାତଟି ଗ୍ରହ ସାଙ୍ଗରେ ରାହୁ ଓ କେତୁକୁ ମିଶାଯାଇଛି । ରାହୁ-କେତୁକୁ ନେଇ ପରାଗ ଗ୍ରହଣର ବର୍ଣ୍ଣନା ବି କରାଯାଇଛି । ଅଥର୍ବ ବେଦରେ ରାହୁ ବିଷୟରେ ଲେଖା ଥିଲେ ବି ତାକୁ ଆକାଶ ବିଜ୍ଞାନ ସହ ଯୋଡ଼ା ହୋଇନାହିଁ । କିନ୍ତୁ ପରେ ଏହାକୁ ରାହୁ ଭାବରେ ବର୍ଣ୍ଣନା କରାଯାଇଛି । ଏହି ରାହୁ ବିନ୍ଦୁ ହେଉଛି ପୃଥିବୀ-ଚନ୍ଦ୍ରର କକ୍ଷପଥର ଛେଦବିନ୍ଦୁ । ଅଥର୍ବ ବେଦରେ କେତୁକୁ ଧୂମକେତୁ, ଉଲ୍କା ଭଳି ଅସାଧାରଣ ଘଟଣା ସହ ଯୋଡ଼ା ଯାଇଛି । ଜ୍ୟୋତିର୍ବିଜ୍ଞାନ ସଂହିତା ଗୁଡ଼ିକରେ କିନ୍ତୁ କେତୁକୁ ପରାଗ ସହ ଯୋଡ଼ା ଯାଇନାହିଁ । ବରାହମିହିରଙ୍କ ପର ସମୟରେ ହିଁ ରାହୁ ଓ କେତୁକୁ ଉର୍ଦ୍ଧ୍ୱପାତ ଓ ନିମ୍ନପାତ (ଆସେଣ୍ଡିଙ୍ଗ ଓ ଡିସେଡିଙ୍ଗ ନୋଡ୍) ଭାବରେ ବର୍ଣ୍ଣନା କରାଯାଇଛି । ତା'ପର ସମୟରୁ ହିଁ ରାହୁ ଓ କେତୁକୁ ପରାଗ-ଗ୍ରହଣ ସହ ଯୋଡ଼ାଯାଇଛି ।

ପ୍ରଶ୍ନ: ନାକ୍ଷତ୍ରିକ କାଳ କ'ଣ ?

ଉତ୍ତର: ଭାରତୀୟ ଜ୍ୟୋତିର୍ବିଜ୍ଞାନ ନାକ୍ଷତ୍ରିକ ଗଣନା ଉପରେ ଆଧାରିତ । ନାକ୍ଷତ୍ରିକ ଜ୍ୟୋତିର୍ବିଜ୍ଞାନ ତାରା ଉପରେ ଆଧାରିତ । କୌଣସି ବସ୍ତୁକୁ ତାରା ତୁଳନାରେ ସୂର୍ଯ୍ୟ ଚାରିପଟେ ଥରେ ବୁଲିଆସିବାକୁ ଲାଗୁଥିବା ସମୟ ହେଉଛି ନାକ୍ଷତ୍ରିକ କାଳ । ଅର୍ଥାତ କୌଣସି ତାରା ସୂର୍ଯ୍ୟ ଚାରିପଟେ ବୁଲି ପୁଣି ସେଇ ଜାଗାକୁ ଆସିବା ସମୟକୁ କୁହାଯାଏ ନାକ୍ଷତ୍ରିକ କାଳ । ସାଧାରଣ ଭାବରେ ଦିନ ଓ ରାତିକୁ ସମୟର ଗୋଟିଏ ମୌଳିକ ଏକକ ଭାବରେ ଧରାଯାଏ । ଦିନ ମାନେ ଆଲୋକିତ ଅଂଶ । ଏହାକୁ ପୁଣି ପାଞ୍ଚ ଭାଗରେ ଭାଗ କରାଯାଇଛି । ପ୍ରଥମ ଉଦୟ, ତା'ପରେ ସଂଗାଭ (ଗୋଇ ଏକାଠି କରିବା), ମଧ୍ୟାହ୍ନ, ଅପରାହ୍ନ ଏବଂ ଅସ୍ତ । ଆହୁରି ପୁଣି ଦିନକୁ କେତୋଟି ମୁହୂର୍ତ୍ତରେ ଭାଗ କରାଯାଇଛି । ଦିନକୁ ରହିଛି ୩୦ଟି ମୁହୂର୍ତ୍ତ ଓ ବର୍ଷକୁ ଦଶହଜାର ଆଠଶହ ମୁହୂର୍ତ୍ତ । ଶୀତଦିନେ ଓ ଖରାଦିନେ ଏହି ମୁହୂର୍ତ୍ତ ସଂଖ୍ୟା ଅଲଗା ରହିଛି । ଖରାଦିନେ ଦିନର ଆଲୋକିତ ଭାଗ ଅଧିକ ହେଉଥିବାରୁ ସେଥିରେ ୧୮ଟି ମୁହୂର୍ତ୍ତ ଓ ଶୀତଦିନେ ଦିନ ଛୋଟ ହେଉଥିବାରୁ ସେଥିରେ ୧୨ଟି ମୁହୂର୍ତ୍ତ ରହିଛି ।

ଯଜୁର୍ବେଦ ସମୟରେ ସୌରମାସରେ ୩୬୫ ଦିନରୁ କିଛି ଅଧିକ ରହିଛି ବୋଲି ଜଣାଥିଲା । ତୈତ୍ତିରିୟ ସଂହିତାରେ ଲେଖାଅଛି ଯେ ସାୟନ ବର୍ଷ ପୂରଣ କରିବା ପାଇଁ ୫ ଦିନ ଅଧିକ ଦରକାର । ଏଥିରୁ ପୁଣି ସ୍ପଷ୍ଟ ଭାବରେ ଲେଖା ହୋଇଛି ଯେ ୪ ଦିନ ବହୁତ କମ୍ ଓ ୬ ଦିନ ବହୁତ ବେଶୀ । ବୈଦିକ ଜ୍ୟୋତିର୍ବିଜ୍ଞାନୀମାନେ ଗୋଟିଏ ପାଞ୍ଚବର୍ଷିଆ ଯୁଗର ଧାରଣା ସୃଷ୍ଟି କରିଥିଲେ । ସେ ଯୁଗର ପୁଣି ନାଁ ରହିଥିଲା ।

ପ୍ରଶ୍ନ: କି ପ୍ରକାର ନାଁ ରହିଥିଲା ?

ଉତ୍ତର: ନାଁଗୁଡ଼ିକ ହେଲା ସମ୍ବତ୍ସର, ପରିବତ୍ସର, ଇଦାବତ୍ସର, ଅନୁବତ୍ସର ଏବଂ ଇଦ୍ୱତ୍ସର ।

ପ୍ରଶ୍ନ: ବେଦରେ ବର୍ଷ ମାସ ବିଷୟରେ ବି ତ କିଛି ଥିବ ।

ଉତ୍ତର: ଯଜୁର୍ବେଦ ଅନୁସାରେ ବର୍ଷକୁ ୧୨ଟି ସୌର ମାସ ଏବଂ ୬ ଋତୁ ରହିଥିଲା । ସେତେବେଳେ କିନ୍ତୁ ମାସ ଓ ଋତୁର ନାଁ ସବୁ ଅଲଗା ଥିଲା ।

ପ୍ରଶ୍ନ: ମାସ ଓ ଋତୁର ନାଁ କ'ଣ ଥିଲା ?

ଉତ୍ତର: ବସନ୍ତ ଋତୁର ମାସର ନାଁ ଥିଲା ମଧୁ ଓ ମାଧବ, ଗ୍ରୀଷ୍ମ ଋତୁର ମାସ ହେଲେ ଶୁକ୍ର ଓ ସୁଚି, ବର୍ଷାଋତୁରେ ଥିଲା ନଭସ୍ ଓ ନଭସ୍ୟ । ସେହିଭଳି ଶରତ ଋତୁର ମାସ ହେଲେ ଇଷା ଓ ଉର୍ଜା, ହେମନ୍ତ ଋତୁରେ ସହ ଓ ସହସ୍ୟ ଏବଂ ଶେଷରେ ଶିଶିର ଋତୁରେ ତପ ଏବଂ ତପସ୍ୟ ।

ବେଦରେ ଦିନ ଭଳି ମାସକୁ ବି ଦୁଇଭାଗ କରାଯାଇଛି । ଗୋଟିଏ ଆଲୋକିତ ଭାଗ ବା ଶୁକ୍ଳ ଓ ଆରଟି ଅନ୍ଧକାର ଭାଗ ବା କୃଷ୍ଣ । ଚାନ୍ଦ୍ରମାସକୁ ବି ଦୁଇଟି ପକ୍ଷରେ ଭାଗ କରାଯାଇଛି । ପ୍ରତି ପକ୍ଷରେ ୧୫ଟି ତିଥି ରହିଛି । ବର୍ଷକୁ ବି ଦୁଇଭାଗ କରାଯାଇଛି - ଦକ୍ଷିଣ ଅୟନାନ୍ତ ଓ ଉତ୍ତର ଅୟନାନ୍ତ । ଧନିଷ୍ଠା ନକ୍ଷତ୍ରରେ ଦକ୍ଷିଣ ଅୟନାନ୍ତ ପଡୁଥିବା ବେଳେ ସେଠୁ ୧୪ଟି ନକ୍ଷତ୍ର ଆଗରେ ଥିବା ମଘା ନକ୍ଷତ୍ରରେ ଉତ୍ତର ଅୟନାନ୍ତ ପଡ଼େ । କୃତ୍ତିକା ନକ୍ଷତ୍ରରେ ସମ୍ପାତ ପଡ଼େ । ବେଦାଙ୍ଗ ଜ୍ୟୋତିଷରେ କିନ୍ତୁ ରହିଛି ଯେ ଅଶ୍ଲେଷା ନକ୍ଷତ୍ରର ମଝିରେ ଥିବା ବେଳେ ଉତ୍ତର ଅୟନାନ୍ତ ଏବଂ

ଧନିଷ୍ଠା ନକ୍ଷତ୍ରର ଆରମ୍ଭରେ ଥିବା ବେଳେ ଦକ୍ଷିଣ ଅୟନାନ୍ତ ପଡୁଥିଲା । ଆମେ ଜାଣିଛେ ଯେ ଅୟନଚଳନ ଯୋଗୁ ପୃଥିବୀର ଅକ୍ଷ ପ୍ରତି ୭୨ ବର୍ଷରେ ୧ ଡିଗ୍ରୀ ଲେଖାଏଁ ଘୁଞ୍ଚି ଯାଉଛି । ଏହି ଭାବରେ ହିସାବ କଲେ ଜଣାଯିବ ଯେ ଅଢ଼େଇ ହଜାର ବର୍ଷ ଭିତରେ ପୃଥିବୀର ଅକ୍ଷ ବେଶ୍ କିଛି ଘୁଞ୍ଚି ଯାଇଛି । ସେଥିପାଇଁ ଖ୍ରୀଷ୍ଟପୂର୍ବ ୧୪୦୦ ବେଳକୁ ଅୟନାନ୍ତ ଅଶ୍ଳେଷା ନକ୍ଷତ୍ରର ମଝିରେ ଏବଂ ଧନିଷ୍ଠାର ଆରମ୍ଭରେ ପଡ଼ିଥିବ । ଅନେକଙ୍କ ମତରେ ପ୍ରାୟ ଖ୍ରୀଷ୍ଟପୂର୍ବ ୧୨୦୦ ବେଳକୁ ବୋଧହୁଏ ବେଦାଙ୍ଗ ଜ୍ୟୋତିଷ ଲେଖା ହୋଇଥିଲା । ଅବଶ୍ୟ ଏହା ଆଗରୁ ବି ହୋଇଥାଇପାରେ ।

ପ୍ରଶ୍ନ: ବେଦରେ ମଳମାସ ବିଷୟରେ କିଛି ଲେଖା ଅଛି କି ?

ଉତ୍ତର: ଅନେକ ଲେଖାରୁ ଜଣାଯାଏ ଯେ ଚାନ୍ଦ୍ରମାସର ପ୍ରତି ମାସରେ ୨୯ ଓ ଅଧେ ଦିନ ହିସାବରେ ୧୨ ମାସରେ ମୋଟ ୩୫୪ ଦିନ ରହିଛି । କିନ୍ତୁ ନାକ୍ଷତ୍ରିକ ସୌରମାସରେ ୩୬୫ ଦିନ ରହିଛି । ସୌରମାସ ଓ ଚାନ୍ଦ୍ର ମାସ ଭିତରେ ମେଳ ଖୁଆଇବା ପାଇଁ ପ୍ରତି ବର୍ଷ ଚାନ୍ଦ୍ର ମାସରେ ୧୧ ଦିନ ଯୋଡ଼ିକି ବା ପ୍ରତି ଅଢ଼େଇ ବର୍ଷରେ ଗୋଟିଏ ଅଧିକ ମାସ ଯୋଡ଼ି ଏହାକୁ ସମାନ କରାଯାଏ । ଏହି ଅଧିକ ମାସକୁ ମଳମାସ କୁହାଯାଏ ।

ବେଦାଙ୍ଗ ଜ୍ୟୋତିଷରେ ଆଉ ଗୋଟିଏ କଥା ବି ରହିଛି । ଏଥିରେ ଗୋଟିଏ ପାଞ୍ଚବର୍ଷିୟା ଚକ୍ର ଚାନ୍ଦ୍ର-ସୌର ଚନ୍ଦ୍ରର ବର୍ଣ୍ଣନା ରହିଛି । ଏହାକୁ ଗୋଟିଏ ଯୁଗ କୁହାଯାଏ । ଏହାର ଆରମ୍ଭରେ ସୂର୍ଯ୍ୟ ଓ ଚନ୍ଦ୍ର ଉଭୟ ଆରମ୍ଭ ସ୍ଥାନ ବା ପ୍ରଥମ ସ୍ଥାନରେ ଧନିଷ୍ଠା ନକ୍ଷତ୍ର ପାଖରେ ରହିଥାନ୍ତି । ଏହି ସମୟ ଭିତରେ ସୂର୍ଯ୍ୟର ୫ଟି ପରିକ୍ରମଣ, ୬୭ଟି ଚାନ୍ଦ୍ର ନାକ୍ଷତ୍ରିକ ଗତି, ୬୨ଟି ସୂର୍ଯ୍ୟ ସଂଯୁତି ମାସ, ୧୮୩୦ଟି ସାଧାରଣ ଦିବସ, ୧୮୩୫ଟି ନାକ୍ଷତ୍ରିକ ଦିବସ, ୧୮୦୦ଟି ସୌରଦିବସ ଏବଂ ୧୮୬୦ଟି ଚାନ୍ଦ୍ରଦିବସ ବା ତିଥି ୧୩୫ଟି ସୌରନକ୍ଷତ୍ର, ୧୮୦୯ଟି ଚାନ୍ଦ୍ର ନକ୍ଷତ୍ର, ୧୭୬୮ଟି ଚନ୍ଦ୍ର ଉଦୟ ରହିଥାଏ । ଆହୁରି ମଧ୍ୟ ଏଥିରେ ୧୦ଟି ଆୟନ ଓ ବିଷୁବ ଏବଂ ୩୦ଟି ଋତୁ ରହିଛି । ପ୍ରତି ସାଧାରଣ ଦିନରେ ରହିଛି ୩୦ଟି ମୁହୂର୍ତ୍ତ, ପ୍ରତି ମୁହୂର୍ତ୍ତରେ ୨ ନାଦିକ ରହିଛି ।

ପ୍ରଶ୍ନ: ସେତେବେଳେ ସମୟ କେମିତି ମାପୁଥିଲେ ?

ଉତ୍ତର: ଗୋଟିଏ ସ୍ଵତନ୍ତ୍ର ଧରଣର ଜଳଘଡ଼ି ଥିଲା । ନିର୍ଦ୍ଦିଷ୍ଟ ପରିମାଣର ପାଣି ଏହି ଜଳଘଡ଼ିର କଣା ଦେଇ ଯିବା ସମୟକୁ ଗୋଟିଏ ନାଦିକ ବୋଲି ଧରା ଯାଉଥିଲା । ଗୋଟିଏ ନାଦିକ ହେଉଛି ଦିନର ଷାଠିଏ ଭାଗରୁ ଭାଗେ ସମୟ ।

ପ୍ରଶ୍ନ: ବେଦାଙ୍ଗ ଜ୍ୟୋତିଷରେ ଆଉ କେଉଁ ବିଷୟରେ ଲେଖା ରହିଛି ?

ଉତ୍ତର: ବେଦାଙ୍ଗ ଜ୍ୟୋତିଷରେ ଅନ୍ୟ ସମୟ ହିସାବ ବି ଲେଖାହୋଇଛି । ଯେମିତି ଅୟନାନ୍ତ, ଅୟନ ଭିତରେ ଦିନ ଓ ରାତିର ଲମ୍ବା ବଢ଼ିବା ଓ କମିବା, ତିଥି, ଋତୁ, ତିଥ କ୍ଷୟ, ପର୍ବର ସାରଣୀ, ପର୍ବ ତିଥି ଓ ପର୍ବ ନକ୍ଷତ୍ର ଖୋଜିବା, ବିଷୁବ, ସୌର ଏବଂ ଅନ୍ୟ ପ୍ରକାରର ବର୍ଷ, ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପ୍ରତୀତ ଗତି, ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଅନ୍ୟ ନକ୍ଷତ୍ର ସହ ସଞ୍ଚାର, ଅଧିମାସ ବା ମଳମାସ, ସବୁଠାରୁ ଲମ୍ବା ଦିନ ଏବଂ ସବୁଠାରୁ ଛୋଟ ରାତିର ମାପ ଆଦି ।

ଦେଖିବା କଥା ଯେ ସେ ସମୟରେ କେବଳ ନିରୀକ୍ଷଣ, ଅନୁଭୂତି ଏବଂ ଗାଣିତିକ ଗଣନା ମାଧ୍ୟମରେ ଲୋକମାନେ ଏତେକଥା ଜାଣିପାରିଥିଲେ । ଏ ଭିତରୁ କିଛି କଥା ହୁଏତ ଏବେ ବଦଳିଗଲାଣି । କିନ୍ତୁ ତଥାପି ମଣିଷ ଏସବୁ ଜାଣିପାରିଥିଲା କେବଳ ତା'ର ନିଜର କୁତୁହଳ ଓ ଜାଣିବାର ଅଦମ୍ୟ ଇଚ୍ଛା ଯୋଗୁ । ରହସ୍ୟମୟ ଆକାଶର ରହସ୍ୟ ଭେଦ କରିବାର ପ୍ରଚେଷ୍ଟାରୁ ହିଁ ସେ ସୂର୍ଯ୍ୟଙ୍କ ଗତି, ଦିନରାତି, ଚାନ୍ଦ୍ରମାସ, ନକ୍ଷତ୍ର ଆଦି ବିଷୟରେ ଏତେ କଥା ଜାଣିପାରିଥିଲା । ଏବେ ବି ଅନେକ ଜିନିଷ ମଣିଷର ଅବୁଝା ହୋଇ ରହିଛି ।

ପ୍ରଶ୍ନ: ହିନ୍ଦୁ ଧର୍ମ ଭଳି ଅନ୍ୟ ଧର୍ମରେ ଲୋକମାନେ ଆକାଶ ବିଷୟରେ କିଛି ଲେଖିଛନ୍ତି କି ?

ଉତ୍ତର: ହିନ୍ଦୁମାନଙ୍କ ଭଳି ଜୈନମାନେ ବି ଜ୍ୟୋତିର୍ବିଜ୍ଞାନରେ ବହୁତ ଆଗ୍ରହୀ ଥିଲେ । ଧାର୍ମିକ ଅନୁଷ୍ଠାନ ମାନ ସଠିକ ସମୟରେ ପାଳନ କରିବା ପାଇଁ ଏସବୁ ଗଣନାର ଆବଶ୍ୟକତା ଥିଲା ଏବଂ ସେମାନଙ୍କର ଧର୍ମଗୁରୁମାନଙ୍କର ଏ ବିଷୟରେ ବେଶ୍ ଦକ୍ଷତା ଥିଲା ।

ଜୈନ ଜ୍ୟୋତିର୍ବିଜ୍ଞାନର ମୂଳ ଉତ୍ସ ହେଉଛି ସୂର୍ଯ୍ୟପ୍ରଜ୍ଞାପ୍ତି । ଏହା ଅର୍ଦ୍ଧମାଗଧି ପ୍ରାକୃତ ଭାଷାରେ ଲିଖିତ ଏବଂ ଏହାକୁ ୨୦ଟି ବହିରେ ଭାଗ କରାଯାଇଛି । ଏଥିରେ ମଳୟଗିରିଙ୍କର ବିଶଦ ବ୍ୟାଖ୍ୟା ରହିଛି । ବୋଧହୁଏ ଏହା ଖ୍ରୀଷ୍ଟଜନ୍ମର ବହୁ ପୂର୍ବରୁ ଲେଖା ଯାଇଥିଲା । ଏବଂ ଏଥିରେ ଗ୍ରୀକ୍‌ମାନଙ୍କର ପ୍ରଭାବ ମୋଟେ ନାହିଁ ।

ମଜାର କଥା ହେଉଛି ଜୈନ ଜ୍ୟୋତିର୍ବିଜ୍ଞାନରେ ଦୁଇଟି ସୂର୍ଯ୍ୟ, ଦୁଇଟି ଚନ୍ଦ୍ର ଏବଂ ୨୭ଟି ନକ୍ଷତ୍ରର ଦୁଇଟି ଦଳ ଥିବା କଥା କଳ୍ପନା କରାଯାଇଛି ।

ଜୈନମାନଙ୍କ ମତରେ କେତେଗୁଡ଼ିଏ ଚଟକା ସମକୈନ୍ଦ୍ରିକ ବୃତ୍ତାକାର ଭୂଖଣ୍ଡ ଓ ତା ଭିତରେ ଥିବା ସମକୈନ୍ଦ୍ରିକ ମହାସାଗରକୁ ନେଇ ପୃଥିବୀ ଗଢ଼ା । ମଝି ଭୂଖଣ୍ଡଟି ହେଉଛି ଜମ୍ବୁଦ୍ଵୀପ ଓ ଏହାର କେନ୍ଦ୍ରରେ ରହିଛି ସୁଦର୍ଶ ମେରୁ ପର୍ବତ । ଏହାର ଚାରିପଟେ ଘେରି ରହିଛି ଲୁଣି ସାଗର । ଏହାର ବାହାରକୁ ରହିଛି ଧାତୁକିନ୍ ଦ୍ଵୀପ ଓ ତାକୁ ବେଢ଼ିଛି କୃଷ୍ଣସାଗର କାଲୋଦଧି । ତା'ପରେ ପୁଷ୍କର ଦ୍ଵୀପ ଓ ତାକୁ ବେଢ଼ିଛି ମନୁଷୋତ୍ତର ପର୍ବତମାଳା । ମଝିରେ ଥିବା ଜମ୍ବୁଦ୍ଵୀପ ଚାରିଭାଗରେ ଭାଗ ହୋଇଛି ଓ ଏହାର ଦକ୍ଷିଣ ଭାଗ ଅଂଶରେ ରହିଛି ଭାରତବର୍ଷ । ମେରୁ ପର୍ବତକୁ ମଝିରେ ରଖି ସୂର୍ଯ୍ୟ, ଚନ୍ଦ୍ର ଏବଂ ତାରା ପୃଥିବୀ ସହ ସମାନ୍ତର ଭାବରେ ଘୂରୁଛନ୍ତି ।

ପ୍ରଶ୍ନ: ଗତଥର ଆମେ ମୃଗବ୍ୟାଧ ମଣ୍ଡଳ ବିଷୟରେ ଜାଣିଥିଲେ । ଏଥର ସେମିତି ଆଉ କେଉଁ ତାରାମଣ୍ଡଳ ବିଷୟରେ ଜାଣିବା ?

ଉତ୍ତର: କାଳପୁରୁଷ ମଣ୍ଡଳ ବିଷୟରେ କଥା ହୋଇଥିବା ବେଳେ ଶୁଣିଥିଲେ ଯେ ସେ ତା'ର ଦୁଇଟି କୁକୁର ଧରି ସାମନାରୁ ଆସୁଥିବା ବୃଷ ସହ ଲଢ଼ିବାକୁ ଯାଉଛି । ତେଣୁ ଆଜି ଆମେ ସେ ବୃଷ ବିଷୟରେ କଥା ହେବା ।

କାଳପୁରୁଷ ମଣ୍ଡଳର କମରପଟିରେ ଥିବା ତିନିଟିଯାକ ତାରାକୁ ମିଶାଇ ପଶ୍ଚିମ ଆଡ଼େ ବଢ଼ାଇଲେ ତାହା ଗୋଟିଏ ହଳଦିଆ ତାରା ପାଖରେ ପହଞ୍ଚିବ । ସେଇଟି ହେଉଛି ରୋହିଣୀ । ରୋହିଣୀକୁ ଲାଗି ଇଂରାଜୀ ଅକ୍ଷର **V** ଆକାରର ରହିଥିବା ତାରାଗୁଡ଼ିକ ଗୋଟିଏ ଦଳର । ସେ ଦଳର ନାଁ ହେଉଛି ରୋହିଣୀ ଶକଟ ବା ହାଏଡେସ୍ ପୁଞ୍ଜ । ରୋହିଣୀ ତାରା ଆମଠାରୁ ପ୍ରାୟ ୬୮ ଆଲୋକବର୍ଷ ଦୂରରେ ରହିଛି ଓ ଏହାର ଦୀପ୍ତି ୦.୮୫ ।

ପ୍ରଶ୍ନ: ରୋହିଣୀ ତାରା ବିଷୟରେ ଆଉ କିଛି କୁହନ୍ତୁ ।

ଉତ୍ତର: ରୋହିଣୀ ତାରା ସୂର୍ଯ୍ୟଠାରୁ ୩୬ ଗୁଣ ବଡ଼ । କିନ୍ତୁ ଆର୍ଦ୍ରା ଭଳି ଏତେ ଉଜଳ ନୁହେଁ । ରୋହିଣୀର ଇଂରାଜୀ ନାଁ ହେଉଛି ଆଲ୍‌ଡେବରନ୍ ।

ଆରବୀ ଭାଷାର ଏହି ଶବ୍ଦର ଅର୍ଥ ହେଉଛି ଅନୁଗାମୀ ବା ଫଲୋଅର୍ । କୃତ୍ତିକା ପୁଞ୍ଜ ଉଦୟ ହେବାର ପ୍ରାୟ ଘଣ୍ଟାଏ ପରେ ଏହି ତାରାଟି ଠିକ୍ ସେହି ଜାଗାରେ ଉଦୟ ହୁଏ ଓ ରାତିସାରା ସେହି ତାରାପୁଞ୍ଜ ପଛେ ପଛେ ଚାଲିଥାଏ । ରୋହିଣୀ ତାରା କ୍ରାନ୍ତିପଥ ପାଖରେ ରହିଛି ।

ପ୍ରାୟ ଛଅ ହଜାର ବର୍ଷ ପୂର୍ବେ ପୂର୍ବାଞ୍ଚଳରେ ଆକାଶ ବିଜ୍ଞାନ ଏବଂ କୃଷି ଏକାସାଙ୍ଗରେ ବିକଶିତ ହେଉଥିଲା । ସେତେବେଳେ ସୂର୍ଯ୍ୟ ବସନ୍ତର ପ୍ରଥମ ଦିନରେ ବୃଷ ରାଶିରେ ରହୁଥିଲା । ଏହା ଫସଲ ଲଗେଇବା, ବଢ଼ିବା ଓ ଅମଳ କରିବା ଚକ୍ରର ଆରମ୍ଭ ହେବା କଥା ଜଣାଉଥିଲା । ବୋଧହୁଏ ସେଥିପାଇଁ ମଧ୍ୟପ୍ରାଚ୍ୟର ସଂସ୍କୃତି ଓ କିମ୍ବଦନ୍ତୀରେ ଷଣ୍ଢ ଏତେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଥିଲା ।

ପ୍ରଶ୍ନ: ରୋହିଣୀକୁ ନେଇ କିଛି ଗପ ନାହିଁ ?

ଉତ୍ତର: ହଁ ଗ୍ରୀକ୍ କିମ୍ବଦନ୍ତୀରେ ଏହାକୁ ନେଇ ଗୋଟିଏ ବଢ଼ିଆ ଗପ ରହିଛି । ଫୋଏନିସିଆର ରାଜା ଥିଲେ ଆଗେନର୍ । ତାଙ୍କ ଝିଅଙ୍କ ନାଁ ଥିଲା ଇଉରୋପା । ସେ ବହୁତ ସୁନ୍ଦର ଥିଲେ । ଦିନେ ସକାଳୁ ରାଜାଝିଅ ତାଙ୍କ ସଖିମାନଙ୍କ ସହ ସମୁଦ୍ରକୂଳକୁ ଫୁଲ ତୋଳିବାକୁ ଗଲେ । ଜିଉସ୍ ନାମକ ଜଣେ ଯୁବକ ଇଉରୋପାଙ୍କୁ ବହୁତ ଭଲ ପାଉଥିଲେ । ସେ ଏହି ସୁଯୋଗ ହାତଛଡ଼ା କରିବା ପାଇଁ ଚାହିଁଲେନି । ସେଥିପାଇଁ ସେ ନିଜକୁ ଗୋଟିଏ ସୁନ୍ଦର ଧଳା ଷଣ୍ଢରେ ପରିଣତ କରିଦେଲେ । ସେ ଯାଇ ରାଜାଙ୍କ ଗୋରୁପଲ ଭିତରେ ମିଶିଗଲେ । ଇଉରୋପା ସେ ସୁନ୍ଦର ଧଳା ଜନ୍ତୁଟିକୁ ଦେଖିଲେ । ଜନ୍ତୁଟି ସେମାନଙ୍କ ଆଡ଼କୁ ଏତେ ଭଦ୍ର ଭାବରେ ଚାହୁଁଥିଲା ଯେ ରାଜାଝିଅ କି ତାଙ୍କ ସଖିଙ୍କୁ ଭୟ ଲାଗିଲା ନାହିଁ ।

ଇଉରୋପା ଫୁଲମାଳ ଗୁନ୍ଥି ସେ ଷଣ୍ଢର ଶିଂଘରେ ପିନ୍ଧାଇ ଦେଲେ ଓ ତାକୁ ଧରି ସେ ଘାସ ପଡ଼ିଆ ସାରା ବୁଲିଲେ । ଷଣ୍ଢଟି ଗୋଟିଏ ମେଣ୍ଢା ଭଳି ଶାନ୍ତଶିଷ୍ଟ ଥିଲା । ସେ ଧୀରେ ଧୀରେ ସମୁଦ୍ର କୂଳ ଆଡ଼କୁ ଚାଲିଲା ଓ ରାଜକୁମାରୀ ଡେଇଁପଡ଼ି ତା କାନ୍ଧରେ ଚଢ଼ିଗଲେ । ହଠାତ୍ ଷଣ୍ଢଟି ସମୁଦ୍ର ଭିତରେ ପଶିଗଲା । ରାଜକୁମାରୀ ଡରିଗଲେ ଓ ତାଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା । ସମୁଦ୍ର ଭିତରେ ପହଞ୍ଚିବା ପରେ ଜିଉସ୍ ଗୋଟିଏ ଶିକାରୀ ପକ୍ଷୀ ହୋଇଗଲେ ଓ ଇଉରୋପାଙ୍କୁ ଲୁଣ୍ଠନ କଲେ । ଇଉରୋପାଙ୍କର ତିନୋଟି ପୁଅ ହେଲେ ।

ଆକାଶରେ ତାରାମାନଙ୍କୁ ନେଇ କେବଳ ଜୀବଜନ୍ତୁ, ମଣିଷ ଆଦିଙ୍କୁ କଳ୍ପନା କରାଯାଇନାହିଁ । ଆହୁରି ଅନେକ ମଜାଦାର ଆକୃତିର କଳ୍ପନା ମଧ୍ୟ କରାଯାଇଛି ।

ପ୍ରଶ୍ନ: କି ପ୍ରକାର ଆକୃତିର କଳ୍ପନା କରାଯାଇଛି ?

ଉତ୍ତର: କାଳପୁରୁଷର ଡାହାଣ କାନ୍ଧରେ ରହିଛି ତାରା ଆର୍ଦ୍ରା । ତା ସହିତ ସରମା ମଣ୍ଡଳର ଉଜଳ ତାରା ପ୍ରଶ୍ୱା ଓ ମୃଗବ୍ୟାଧ ମଣ୍ଡଳର ତାରା ଲୁବ୍ଧକକୁ ଏକାଠି ଯୋଡ଼ିଲେ ଗୋଟିଏ ସମବାହୁ ତ୍ରିଭୁଜ ହେବ । ଏହାକୁ ଶୀତଦିନିଆ ତ୍ରିଭୁଜ ବା ୱିଣ୍ଟର୍ ଟ୍ରାଙ୍ଗଲ୍ କୁହାଯାଏ । ତ୍ରିଭୁଜ କେବଳ ଆମର ଜ୍ୟାମିତି ବହିରେ ନାହିଁ, ଆକାଶରେ ବି ରହିଛି । ଏମିତି ଆହୁରି କେତେ ମଜାଦାର ଆକୃତି ସବୁ ରହିଛି । ଆଗକୁ ଆମେ ସେସବୁ ବିଷୟରେ କଥା ହେବା ।

ବର୍ଣ୍ଣନା: ଆଜିର କାର୍ଯ୍ୟକ୍ରମରେ ଆମେ ଶୁଣିଲେ ଯେ ଆକାଶ ବିଜ୍ଞାନ ବିଷୟରେ ମଣିଷ ଆଜି ନୁହେଁ, ବୈଦିକ ଯୁଗରୁ ସେ ବିଷୟରେ ଆଗ୍ରହୀ ହୋଇ ଆସିଛି । ସୂର୍ଯ୍ୟ ଚନ୍ଦ୍ରଙ୍କର ଗତିକୁ ନୀରିକ୍ଷଣ କରିଛି । ଏସବୁ ତା'ର ସାମାଜିକ, ସାଂସ୍କୃତିକ ଜୀବନକୁ ବେଶ୍ ପ୍ରଭାବିତ କରିଛନ୍ତି । ତେଣୁ କହିବାକୁ ଗଲେ ଆକାଶ ବିଜ୍ଞାନ ହେଉଛି ସବୁଠାରୁ ପୁରୁଣା ବିଜ୍ଞାନ । ଆଗକୁ ଆମେ ଶୁଣିବା ଆକାଶକୁ ନେଇ ମଣିଷ କିପରି ନିତିଦିନିଆ ଜୀବନରେ ସମୟ ମାପିଲା, ଦିନ, ମାସ, ବର୍ଷ ଠିକ୍ କଲା ଆଉ ସେଇ ଅନୁସାରେ ପର୍ବ ପର୍ବାଣିର ସମୟ ସ୍ଥିର କଲା । ଆଜି ଯାଏଁ ଆପଣମାନେ ଯାହା ଶୁଣିଲେଣି ସେ ବିଷୟରେ ନିଶ୍ଚୟ ଆପଣମାନଙ୍କ ମନରେ କିଛି ପ୍ରଶ୍ନ ଉଠୁଥିବ । କାର୍ଯ୍ୟକ୍ରମ ଉପରେ ଆପଣଙ୍କ ମତାମତ, ପ୍ରଶ୍ନ କିଛି ଥିଲେ ଆମ ପାଖକୁ ପଠାଇଲେ ଆମେ କାର୍ଯ୍ୟକ୍ରମ ମାଧ୍ୟମରେ ସେସବୁକୁ ଆଲୋଚନା କରିବାକୁ ଚେଷ୍ଟା କରିବୁ । ଚିଠି ପଠାଇବା ପାଇଁ ଆମ ଠିକଣା ହେଲା ——। ଆଶାକରୁଛୁ ଆପଣଙ୍କୁ ଆମର ଏ କାର୍ଯ୍ୟକ୍ରମ ଭଲ ଲାଗୁଛି ଓ ଆପଣ ଆଗକୁ ମଧ୍ୟ ଏହାକୁ ଶୁଣିବା ପାଇଁ ଆଗ୍ରହୀ ହେବେ । ତାହେଲେ ଶ୍ରୋତାବନ୍ଧୁ ଗଣ, ଆପଣଙ୍କ ସହ ପୁଣି ଥରେ ଭେଟ ହେବ ଆସନ୍ତା ରବିବାର, ଠିକ୍ ଏଇ ସମୟରେ । ସେତେବେଳ ଯାଏଁ ବିଦାୟ, ନମସ୍କାର ।